# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**1 August - 2024**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ତଫସିଲଭୁକ୍ତ ଜାତି ଓ ଉପଜାତି ସଂରକ୍ଷିତ ବର୍ଗର ଉପବର୍ଗୀକରଣ କ୍ଷମତା ରାଜ୍ୟ ସରକାରଙ୍କର ରହିଛି; କହିଲେ ସୁପ୍ରିମକୋର୍ଟ
- ଲୋକସଭାରେ ଆଗତ ହେଲା ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ୍-୨୦୨୪
- ମାଲକାନଗିରି ଜିଲ୍ଲାରେ ବର୍ଷାଜନିତ କ୍ଷୟକ୍ଷତିର ଚୂଡାନ୍ତ ରିପୋର୍ଟ ଆଧାରରେ ଦିଆଯିବ କ୍ଷତିପୂରଣ ବୋଲି ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ
- ସ୍ତନ୍ୟପାନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜିଠାରୁ ପାଳନ କରାଯାଉଛି ବିଶ୍ୱ ସ୍ତନ୍ୟପାନ ସପ୍ତାହ

ଏବଂ

- ରାଜ୍ୟର ୪ଟି ଜିଲ୍ଲାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅତିପ୍ରବଳ ବର୍ଷା ହେବା ନେଇ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ସ୍ୱତନ୍ତ୍ର ରିଲିଫ୍ କମିଶନର

## ଲୋକସଭା-ସଂରକ୍ଷିତ ବର୍ଗ

ରାଜ୍ୟ ସରକାର ଏଣିକି ତଫସିଲଭୁକ୍ତ ଜାତି ଓ ଉପଜାତି ସଂରକ୍ଷିତ ବର୍ଗ ଗୋଷ୍ଠିଗୁଡ଼ିକୁ ସଂରକ୍ଷଣ ସୁବିଧା ପ୍ରଦାନ ନିମନ୍ତେ ପଛୁଆ ଶ୍ରେଣୀ ଆଧାରରେ ଉପବର୍ଗୀକରଣ କରିପାରିବେ ବୋଲି ସୁପ୍ରିମ୍‌କୋର୍ଟ ଆଜି ରାୟ ଦେଇଛନ୍ତି। ଏ ସଂକ୍ରାନ୍ତ ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ଜଷ୍ଟିସ୍ ଡି.ଓ୍ୱାଇ.ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୭ ଜଣିଆ ସାମ୍ବିଧାନିକ ଖଣ୍ଡପୀଠ ଏହି ରାୟ ପ୍ରଦାନ କରିଛନ୍ତି। ଏଥିସହ ୨୦୦୪ ଇ.ଭି.ଚିନ୍ନାୟା ବନାମ ଆନ୍ଧ୍ରପ୍ରଦେଶ ରାୟକୁ ୬/୧ ସଂଖ୍ୟାଗରିଷ୍ଠତା ଭିତ୍ତିରେ ପ୍ରତ୍ୟାହାର କରିନେଇଛନ୍ତି। ୨୦୦୪ ମସିହାର ରାୟ ଅନୁଯାୟୀ ଅନୁସୂଚୀତ ଜାତି ଓ ଜନଜାତି ସଂରକ୍ଷିତ ବର୍ଗ ଗୋଷ୍ଠିଗୁଡ଼ିକର ଉପବର୍ଗୀକରଣ ସମ୍ବିଧାନର ଧାରା ୩୪୧ର ପରିପନ୍ଥୀ ବୋଲି ଦର୍ଶାଯାଇଥିଲା। ରାଷ୍ଟ୍ରପତିଙ୍କୁ ଏ ସଂକ୍ରାନ୍ତ ତାଲିକା ପ୍ରସ୍ତୁତ କରିବାକୁ କ୍ଷମତା ପ୍ରଦାନ କରାଯାଇଥିଲା। ଖଣ୍ଡପୀଠ କହିଛନ୍ତି, ବ୍ୟବସ୍ଥାଗତ ପ୍ରଭେଦ ଯୋଗୁଁ ଅନୁସୁଚୀତ ଜାତି ଓ ଜନଜାତି ବର୍ଗର ଲୋକ ପ୍ରକୃତ ସୁଫଳ ପାଇବାରୁ ବଞ୍ଚିତ ହେଉଛନ୍ତି। ସମ୍ବିଧାନର ଧାରା ୧୪ ଜାତିର ଉପବର୍ଗୀକରଣକୁ ଅନୁମତି ପ୍ରଦାନ କରୁଛି। ଖଣ୍ଡପୀଠ ଆହୁରି କହିଛନ୍ତି, ରାଜ୍ୟ ଭିତ୍ତିରେ ଅନୁସୂଚୀତ ଜାତି ଓ ଜନଜାତି ସମାନ ଶ୍ରେଣୀଭୁକ୍ତ ହୋଇ ନଥାନ୍ତି। ରାଜ୍ୟଗୁଡ଼ିକ ଦ୍ୱାରା ତଫସିଲଭୁକ୍ତ ଜାତି ଏବଂ ଉପଜାତିର ଉପବର୍ଗୀକରଣ ଧାରା ୩୪୧ର ଉଲ୍ଲଙ୍ଘନ କରୁନାହିଁ ବୋଲି ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି।

## ବିପର୍ଯ୍ୟୟ ସଂଶୋଧନ ବିଲ୍

ବିପର୍ଯ୍ୟୟ ପରିଚାଳନା ସଂଶୋଧନ ବିଲ୍ ୨୦୨୪ ଆଜି ଲୋକସଭାରେ ଆଗତ ହୋଇଛି। ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାଇ ଏହି ବିଲ୍‌କୁ ଆଗତ କରିଛନ୍ତି। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟପ୍ରଣାଳୀକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଏହି ସଂଶୋଧିତ ପ୍ରସ୍ତାବ ଆଗତ ହୋଇଛି। ଏହାଦ୍ୱାରା ଏହି ଦୁଇ କର୍ତ୍ତୃପକ୍ଷ ଜାତୀୟ ଏବଂ ରାଜ୍ୟସ୍ତରରେ ବିପର୍ଯ୍ୟୟ ପରିଚାଳନା ସଂକ୍ରାନ୍ତ ଯୋଜନା ପ୍ରସ୍ତୁତ କରିପାରିବେ। ପୂର୍ବରୁ  ଏହା ଜାତୀୟ କାର୍ଯ୍ୟକାରୀ କମିଟି ଏବଂ ରାଜ୍ୟସ୍ତରୀୟ କାର୍ଯ୍ୟକାରୀ କମିଟି  ଉପରେ ନ୍ୟସ୍ତ ଥିଲା। ସଂଶୋଧିତ ପ୍ରସ୍ତାବ କାର୍ଯ୍ୟକାରୀ ହେଲେ ଜାତୀୟ ଏବଂ ରାଜ୍ୟ ସ୍ତରରେ ବିପର୍ଯ୍ୟୟ ପରିଚାଳନା ଡାଟାବେସ୍ ପ୍ରସ୍ତୁତ ହୋଇପାରିବ। ରାଜ୍ୟଗୁଡ଼ିକର ରାଜଧାନୀ ଏବଂ ମହାନଗର ନିଗମ ଜିଲ୍ଲାଗୁଡ଼ିକ ପାଇଁ ସହରାଞ୍ଚଳ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଗଠନ ଲାଗି ଏହି ସଂଶୋଧିତ ବିଲ୍‌ରେ ପ୍ରସ୍ତାବ ରହିଛି। ସେହିଭଳି ରାଜ୍ୟ ବିପର୍ଯ୍ୟୟ କାର୍ଯ୍ୟକାରୀ ଦଳ ଗଠନ କରିବା ପାଇଁ ରାଜ୍ୟ ସରକାର କ୍ଷମତାପ୍ରାପ୍ତ ହେବେ।

## ଜଳଜୀବନ ମିଶନ

**ଜଳଜୀବନ ମିଶନ** ଅଧିନରେ ସମଗ୍ର ଦେଶରେ ୧୫ କୋଟି ପରିବାରକୁ ପାଇପ୍ ଜଳଯୋଗାଣ ସୁବିଧା ପ୍ରଦାନ କରାଯାଇଛି ବୋଲି ବିଭାଗୀୟ ମନ୍ତ୍ରୀ ସି.ଆର.ପାଟିଲ୍ କହିଛନ୍ତି। ଲୋକସଭାରେ  ଆଜି ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ପାଟିଲ୍ କହିଛନ୍ତି, ସୌରଶକ୍ତି ଉପରେ ମଧ୍ୟ ଲୋକଙ୍କୁ

ସଚେତନ କରାଯାଉଛି ବୋଲି ସେ କହିଛନ୍ତି। ଏହାଦ୍ୱାରା ଜଳଯୋଗାଣ ସୁବିଧା ନିମନ୍ତେ ଆବଶ୍ୟକ ପଡୁଥିବା ବିଦ୍ୟୁତ୍ ଖର୍ଚ୍ଚ ହ୍ରାସ ପାଇବ ବୋଲି ଶ୍ରୀ ପାଟିଲ୍ କହିଛନ୍ତି। ଶ୍ରୀ ପାଟିଲ୍ କହିଛନ୍ତି, ସ୍ୱଚ୍ଛ ଜଳ ଯୋଗାଣ ଲକ୍ଷ୍ୟରେ ୮ ହଜାରରୁ ଅଧିକ ଗାଁରେ ଇତିମଧ୍ୟରେ ସର୍ଭେ କାର୍ଯ୍ୟ ସମ୍ପନ୍ନ ହୋଇଛି।

## ବିଧାନସଭା-କ୍ଷତିପୂରଣ

ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା କାରଣରୁ ଚାଷୀମାନଙ୍କର ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ଚୂଡାନ୍ତ ରିପୋର୍ଟ ମିଳିବା ପରେ କ୍ଷତିପୂରଣ ପ୍ରଦାନ ନେଇ ପଦକ୍ଷେପ ନିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କହିଛନ୍ତି। ସେ କହିଛନ୍ତି, ଏ ସମ୍ପର୍କରେ ରାଜସ୍ୱ ନିରୀକ୍ଷକମାନଙ୍କଠାରୁ ଜିଲ୍ଲାପାଳମାନେ ରିପୋର୍ଟ ମାଗିଛନ୍ତି। ଏ ସଂକ୍ରାନ୍ତରେ ଅଧିକ ତଥ୍ୟ ଆମ ମାଲକାନଗିରି ସମ୍ବାଦଦାତାଙ୍କଠାରୁ......

**- V/O -**

## ରଥଉପରେ ଚଢ଼ିବା ଘଟଣାରେ ନୋଟିସ୍

ରଥଯାତ୍ରା ସମୟରେ ରଥ ଉପରେ ଚଢ଼ିବା ଘଟଣାରେ ୩ ଜଣଙ୍କୁ ପୁଲିସ୍ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ସିଂହଦ୍ୱାର ଥାନା ଏବଂ କୁମ୍ଭାରପଡା ଥାନା ପକ୍ଷରୁ ଏ ସଂକ୍ରାନ୍ତ ତଦନ୍ତରେ ସହଯୋଗ କରିବା ପାଇଁ ହାଜର ହେବାକୁ କୁହାଯାଇଛି। ସେହି ୩ ଜଣ ଢ଼େଙ୍କାନାଳ, କେନ୍ଦ୍ରାପଡା ଏବଂ ଗଞ୍ଜାମ ଜିଲ୍ଲାର ବୋଲି ଜଣାପଡିଛି। ଶ୍ରୀମନ୍ଦିର ପ୍ରଶାସନ ଅଧିକାରୀ ଅଜୟ

କୁମାର ଜେନାଙ୍କ ଅଭିଯୋଗ ଆଧାରରେ ତଦନ୍ତ ଆରମ୍ଭ ହେବା ସହ ସମ୍ପୃକ୍ତଙ୍କୁ ନୋଟିସ୍ ଜାରି କରାଯାଇଛି ବୋଲି ପୁଲିସ୍ ପକ୍ଷରୁ ସୂଚନା ଦିଆଯାଇଛି ।

## ବିଶ୍ୱ ସ୍ତନ୍ୟପାନ ସପ୍ତାହ

ସ୍ତନ୍ୟପାନ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜିଠାରୁ ୭ ତାରିଖ ପର୍ଯ୍ୟନ୍ତ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଅନୁସାରେ ଜନ୍ମ ହେବାର ପ୍ରଥମ ମାସରେ ଶିଶୁର ସମସ୍ତ ପ୍ରକାର ଶକ୍ତି ଓ ପୋଷଣ ଆବଶ୍ୟକତା ମା' କ୍ଷୀର ପୂରଣ କରିଥାଏ । ସ୍ତନ୍ୟପାନ ଶିଶୁ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହ ବିଭନ୍ନ ପ୍ରକାର ସଂକ୍ରମଣରୁ ରକ୍ଷା କରିଥାଏ । ସ୍ତନ୍ୟପାନ ସମ୍ପର୍କିତ ସମସ୍ତ ପ୍ରତିବନ୍ଧକକୁ ଦୂର କରିବା ତଥା ସ୍ତନ୍ୟପାନକୁ ପ୍ରୋତ୍ସାହିତ କରିବା ଲକ୍ଷ୍ୟ ନେଇ ସ୍ତନ୍ୟପାନ ସପ୍ତାହ ପାଳନ କରାଯାଉଛି ।

ମା' କ୍ଷୀରର ଉପକାରିତା ବିଷୟରେ ସଚେତନତା ସୃଷ୍ଟି କରିବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଆହ୍ୱାନ ଦେଇଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଡକ୍ଟର ମହାଲିଙ୍ଗ କହିଛନ୍ତି, ମା' କ୍ଷୀର ହେଉଛି ଶିଶୁ ପାଇଁ ସର୍ବୋତ୍ତମ ପୃଷ୍ଟିକର ଖାଦ୍ୟ। ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ଏହା ବିଶେଷ ସହାୟକ ହୋଇଥାଏ ବୋଲି ସେ କହିଛନ୍ତି।

## ଲୋକସଭା ପବ୍ଲିକ୍ ଆକାଉଣ୍ଟ କମିଟି

ଲୋକସଭା ପବ୍ଲିକ୍ ଆକାଉଣ୍ଟ କମିଟିକୁ ସାଂସଦ ଅପରାଜିତା ଷଡଙ୍ଗୀ ସଦସ୍ୟ ଭାବେ ମନୋନୀତ ହୋଇଛି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି

ଶ୍ରୀମତୀ ଷଡଙ୍ଗୀ କହିଛନ୍ତି, ଏହି ସଦସ୍ୟତା ତାଙ୍କ ପାଇଁ ଏକ ସମ୍ମାନ। ତାଙ୍କ ସହ ମୋଟ ୧୫ ଜଣ ସଦସ୍ୟ ଭାବେ କମିଟିକୁ ମନୋନୀତ ହୋଇଛନ୍ତି। ଆସନ୍ତାବର୍ଷ ଏପ୍ରିଲ୍ ଶେଷ ପର୍ଯ୍ୟନ୍ତ ଏହି କମିଟି କାର୍ଯ୍ୟ କରିବ ବୋଲି ସେ ସୂଚନା ଦେଇଛନ୍ତି।

## ପିଜି ମେଧା ତାଲିକା

ରାଜ୍ୟରେ ବିଭିନ୍ନ ସରକାରୀ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ରାଜ୍ୟସ୍ତରୀୟ ମେଧାତାଲିକା ଆସନ୍ତା ୫ ତାରିଖରେ ପ୍ରକାଶ ପାଇବ। ୬ ରୁ ୧୨ ତାରିଖ ମଧ୍ୟରେ ତାଲିକାଭୁକ୍ତ ଛାତ୍ରଛାତ୍ରୀ ଚୟସ୍ ଫିଲିଂ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। ପ୍ରଥମ ରାଉଣ୍ଡ ସିଟ୍  ଆଲଟମେଣ୍ଟ ୨୦ ତାରିଖରେ କରାଯିବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ୨୧ ରୁ ୨୪ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ଯୋଗ୍ୟ ବିବେଚିତ ଛାତ୍ରଛାତ୍ରୀ ଧାର୍ଯ୍ୟ ଶିକ୍ଷାନୁଷ୍ଠାନରେ ରିପୋର୍ଟ କରିବାକୁ ପରାମର୍ଶ ଦିଆଯାଇଛି।

## ସମ୍ବଲପୁରୀ ଦିନ୍

ସମ୍ବଲପୁରୀ ସାହିତ୍ୟର ପ୍ରଖ୍ୟାତ ସାଧକ ଗୁରୁ ସତ୍ୟ ନାରାୟଣ ବହିଦାରଙ୍କର ଜନ୍ମଦିବସ ଅବସରରେ ଆଜି ସମ୍ବଲପୁରୀ ଦିନ୍ ପାଳନ କରାଯାଉଛି। ସମ୍ବଲପୁରୀ ଭାଷା, ସଂସ୍କୃତି ଏବଂ ସାହିତ୍ୟର ଗରିମା ବୃଦ୍ଧି ଦିଗରେ ସ୍ୱର୍ଗତଃ ବହିଦାରଙ୍କ ଅବଦାନକୁ ସ୍ମରଣ କରି ୨୦୧୩ ମସିହାରୁ ପ୍ରତ୍ୟେକ ବର୍ଷ ଅଗଷ୍ଟ ପହିଲାକୁ ସମ୍ବଲପୁରୀ ଦିନ୍ ଭାବେ ପାଳନ କରାଯାଏ। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ସ୍ୱର୍ଗତଃ

ବହିଦାରଙ୍କ ସ୍ମୃତିଚାରଣ କରିବା ସହ ସମସ୍ତଙ୍କ ସୁଖ ସମୃଦ୍ଧି ଏବଂ ଉତ୍ତମ ସ୍ୱାସ୍ଥ୍ୟ କାମନା କରିଛନ୍ତି । **କେନ୍ଦ୍ର ଶିକ୍ଷାମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ସମ୍ବଲପୁରୀ ଦିନ୍ ପାଇଁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସେ କହିଛନ୍ତି, ସମ୍ବଲପୁରୀ ସଂସ୍କୃତି ଏବଂ ଇତିହାସ ଉପରେ ଉଚ୍ଚସ୍ତରୀୟ ଗବେଷଣା ପାଇଁ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ଆଇଆଇଏମ୍ ସମ୍ବଲପୁରଠାରେ **ରଙ୍ଗବତୀ ଉତ୍କର୍ଷ କେନ୍ଦ୍ର** ସ୍ଥାପନ କରାଯାଇଛି । **ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ମଧ୍ୟ ସ୍ୱର୍ଗତଃ ବହିଦାରଙ୍କ ଜନ୍ମଦିନ ପାଳିତ ହୋଇଛି । ଭୀମ ଭୋଇ ଛକରେ ଆୟୋଜିତ ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତଃ ବହିଦାରଙ୍କ ସ୍ମୃତିଚାରଣ କରିଥିଲେ । ବୀରମହାରାଜପୁରର କଦ୍‌ଲୀପାଲି ଛକରେ ମଧ୍ୟ ଏକ ସମାରୋହ ଆୟୋଜିତ ହୋଇଥିଲା ।

## ଯକ୍ଷ୍ମାରୋଗ ସଚେତନତା

**ନୟାଗଡ଼** ବ୍ଲକ୍ ବଡପଣ୍ଡୁସର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଯକ୍ଷ୍ମା ରୋଗ ପ୍ରତିରୋଧ ପାଇଁ ଟିକାକରଣ ଉପରେ ଏକ ତାଲିମ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଶାକର୍ମୀ, ଅଙ୍ଗନୱାଡୀ କର୍ମୀ ଏବଂ ଯକ୍ଷ୍ମା ସ୍ୱେଚ୍ଛାସେବୀମାନେ ଘରକୁ ଘର ବୁଲି ୧୮ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କୁ ବିସିଜି ଟିକା ନେବାପାଇଁ ସଚେତନ କରାଇବେ । ତେବେ ଟିକାକରଣ କେନ୍ଦ୍ର ଏବଂ ସ୍ୱାସ୍ଥ୍ୟ ଅଭିଯାନ କାର୍ଯ୍ୟକ୍ରମ ସମୟରେ ନିଶୁଳ୍କ ଏହି ଟିକା ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି । ଜିଲ୍ଲା ଯକ୍ଷ୍ମା ଅଧିକାରୀ ଡାକ୍ତର ଶରତ କୁମାର ଦାସଙ୍କ ନେତୃତ୍ୱରେ ପରିଚାଳିତ ଏହି

ତାଲିମ୍ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ପରିଦର୍ଶକ, ସ୍ୱାସ୍ଥ୍ୟକର୍ମୀ ପ୍ରମୁଖ ଯୋଗଦେଇଥିଲେ ।

## ପାଣିପାଗ

ମୌସୁମୀବାୟୁ ପ୍ରଭାବରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ତୁହାକୁ ତୁହା ବର୍ଷା ହେଉଛି । ଏହି ପରିସ୍ଥିତି ଆଗାମୀ ଶନିବାର ପର୍ଯ୍ୟନ୍ତ ବଳବତ୍ତର ରହିବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ଅଞ୍ଚଳରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବଲାଙ୍ଗିର, ମୟୂରଭଞ୍ଜ, ସମ୍ବଲପୁର ଏବଂ ପୁରୀ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ନେଇ ଜିଲ୍ଲାପାଳମାନଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର ସତର୍କ କରାଇଛନ୍ତି । ତଳିଆ ଅଞ୍ଚଳଗୁଡ଼ିକ ଜଳମଗ୍ନ ହେବାର ସମ୍ଭାବନା ଥିବାରୁ ପ୍ରତିଷେଧମୂଳକ ବ୍ୟବସ୍ଥା ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଅନ୍ୟପକ୍ଷରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତରକୁ ଦୃଷ୍ଟିରେ ରଖି ଆଉ ଦୁଇଟି ଗେଟ୍‌କୁ ବନ୍ଦ କରିଦିଆଯାଇଛି । ଏବେ ୧୨ଟି ଗେଟ୍ ଦେଇ ମହାନଦୀକୁ ବନ୍ୟାଜଳ ନିଷ୍କାସିତ ହେଉଛି ।

ମିଳିଥିବା ସୂଚନା ଅନୁଯାୟୀ, ଗତ ଜୁନ୍ ପହିଲାରୁ ଗତକାଲି ପର୍ଯ୍ୟନ୍ତ ରାଜ୍ୟରେ ୫୦୭ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ତେବେ ସ୍ୱାଭାବିକ ବର୍ଷା ତୁଳନାରେ ଏହା ୧୦ ପ୍ରତିଶତ କମ୍ । ମାଲକାନଗିରି ଜିଲ୍ଲାରେ ସବୁଠାରୁ ଅଧିକ ହଜାରେ ୬୧ ଦଶମିକ ୧ ମିଲିମିଟର ବର୍ଷା ହୋଇଛି । କୋରାପୁଟ, ନୂଆପଡା ଏବଂ ବୌଦ୍ଧ ଜିଲ୍ଲାରେ ମଧ୍ୟ ଅଧିକ ବର୍ଷା ରେକର୍ଡ

କରାଯାଇଛି । ୧୫ଟି ଜିଲ୍ଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୧୧ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ଜଣାପଡିଛି ।

*********************************